ଧରିତ୍ରୀ
DHARITRI
August 16-22, 2020 ₹ 2/-

# ଛୁଟିଦିନ



# ଫଟୋ ପାଇଁ...

୩ ପ୍ରଚ୍ଛଦ ପ୍ରସଙ୍ଗ

ଫଟୋଗ୍ରାଫି ଏକ ନିଶା। ଏଇ ନିଶା ଯେବେ ବଢି ବଢି ଚାଲେ, ଫଟୋ ଉଠାଉଥିବା ମଣିଷଜଣକ ଭୁଲିଯାଏ ସବୁକିଛି। ଏମିତିକି ନିଜେ ନିଜକୁ ବି। କେମିତି, କେଉଁ ସ୍ଥିତିରେ ସେ ପାଇବ ଏକ ପରଫେକ୍ଟ କ୍ଲିକ୍, ସେଥିପାଇଁ ସେ କରେ ଯେତେସବୁ ପ୍ରୟାସ। ଏମିତିକି ଜୀବନ ବାଜିରେ ଲାଗିଗଲେ ବି ନ ଥାଏ ତା'ର ନିଘା। କାରଣ ସେ ପ୍ରସ୍ତୁତ ଥାଏ ସବୁ ପରିସ୍ଥିତିକୁ ସାମ୍ନା କରି ଯେମିତି ହେଲେ ପାଇବ ଏକ ପରଫେକ୍ଟ କ୍ଲିକ୍....




ସିନେମା
୪

# ଘରେ ଲଗେଇବେ କେଉଁ ଫଟୋ



**ଘ**ରର କାନ୍ଥ ସଜାଇବା ପାଇଁ ସମସ୍ତେ ସୁନ୍ଦର ସୁନ୍ଦର ଫଟୋ ଲଗାନ୍ତି। ତେବେ ଜାଣନ୍ତିକି ଏହାର ପ୍ରଭାବ ପୂରା ପରିବାର ଉପରେ ପଡିଥାଏ। ବାସ୍ତୁଶାସ୍ତ୍ର ଅନୁସାରେ ଫଟୋ କେବଳ ଘରର ଶୋଭା ବଢାଏ ନାହିଁ, ବରଂ ଭାଗ୍ୟ ବି ଚମକାଇପାରେ। ଜାଣନ୍ତୁ ସେମିତି କିଛି ଫଟୋ ସମ୍ପର୍କରେ...

**ପହଁରୁଥିବା ମାଛ**– ବିଶ୍ୱାସ କରାଯାଏ ଘରେ ପହଁରୁଥିବା ମାଛର ଫଟୋ ଲଗାଇଲେ ପରିବାର ସଦସ୍ୟଙ୍କ ଆୟୁଷ ବଢିଥାଏ। ତା'ସହ ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି।

**ହସୁଥିବା ଚେହେରାର ଫଟୋ**– ଘର କାନ୍ଥରେ ସବୁବେଳେ ଖିଲି ଖିଲି ହୋଇ ହସୁଥିବା ଚେହେରାର ଫଟୋ ଲଗାଇବା ଭଲ। ଚାହିଁଲେ ହସଖୁସିରେ ଭରା ପୂରା ପରିବାରର ଫଟୋ ବି ଲଗାଇପାରିବେ। ଆଉ ଏହାକୁ ଏଭଳି ସ୍ଥାନରେ ଲଗାଇବା ଉଚିତ ଯେମିତି କି ଯିବା ଆସିବାବେଳେ ନଜର ପଡିବ। ଏହାଦ୍ୱାରା ଘରେ ସକାରାତ୍ମକ ଉର୍ଜା ଆସିଥାଏ। ସଦସ୍ୟଙ୍କ ମଧ୍ୟରେ ପ୍ରେମ ବଢେ। ଘରେ ସୁଖ ଶାନ୍ତିର ପରିବେଶ ସୃଷ୍ଟି ହୁଏ।

**ସୂର୍ଯ୍ୟୋଦୟର ଫଟୋ**– ସୂର୍ଯ୍ୟ ଉଦୟର ମନୋରମ ଦୃଶ୍ୟ, ଉଡି ଉଡି ଯାଉଥିବା ଚଢେଇର ଫଟୋ କାନ୍ଥରେ ଲଗାଇଲେ ମନରେ ନୂଆ ଆଶାର ସଞ୍ଚାର ହୁଏ। ସକାରାତ୍ମକ ଉର୍ଜା ଅନୁଭବ ହୁଏ, ଯଦ୍ଵାରା ଆତ୍ମବିଶ୍ୱାସ ବଢିଥାଏ।


**ଝରଣା ଫଟୋ**– ଶାନ୍ତଭାବେ ବହୁଥିବା ଝରଣାର ଫଟୋ ଅଥବା ପୋଖରୀ, ସମୁଦ୍ର ଫଟୋ ଲଗାଇବା ଶୁଭ ମଣାଯାଏ। ଏହାଦ୍ୱାରା ପରିବାର ସଦସ୍ୟଙ୍କ ଭାଗ୍ୟ ବଦଳିଥାଏ। କୌଣସି କାର୍ଯ୍ୟରେ ସୃଷ୍ଟି ହେଉଥିବା ବାଧା ଦୂରେଇଥାଏ। ବିଗିଡିଥିବା କାର୍ଯ୍ୟ ବି ସୁଧୁରିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର


ଅଗଷ୍ଟ ୧୬-୨୨

**ମେଷ**



ଅର୍ଥଲାଭ, ପାରିବାରିକ ବିତର୍କ, ବ୍ୟବସାୟିକ ସମସ୍ୟା, ଶିଳ୍ପର ଅଭିବୃଦ୍ଧି, ପରିବହନରୁ ଲାଭ, ଅଦାଲତରେ ବିଜୟ, ଧର୍ମକାର୍ଯ୍ୟରେ ବ୍ୟୟ, ଆଲୋଚନାରେ ଦ୍ୱନ୍ଦ୍ୱ, ସ୍ଥାନାନ୍ତର ଆଶଙ୍କା ॥

**ବୃଷ**




ସ୍ୱାସ୍ଥ୍ୟ ସମସ୍ୟା, ପରିସ୍ଥିତିରେ ଉନ୍ନତି, ନୂତନ ଗୃହାରମ୍ଭ, ଯାନବାହନ ମରାମତି, ବାଣିଜ୍ୟରେ ପ୍ରତିବନ୍ଧକ, ବିବାଦୀୟ ପରିସ୍ଥିତି, ଆନୁଷ୍ଠାନିକ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି। ମାନସିକ ଚାପ, ଅର୍ଥନୈତିକ ଅବନ୍ନତି ॥

**ମିଥୁନ**



ଯାତ୍ରାରେ ସଫଳତା, ପ୍ରଶାସନିକ ତାଗିଦା, ଆଇନ ସହାୟତା, ଚଳଚ୍ଚିତ୍ରରେ ବିବାଦ, ଆତ୍ମୀୟଙ୍କ ଉଦାରତା, ସନ୍ତାନଙ୍କ କୃତିତ୍ୱ, ଆର୍ଥିକ ଅନଟନ, ଭ୍ରମଣ ସୁଯୋଗ, ଶାରୀରିକ ଅସୁସ୍ଥତା ॥

**କର୍କଟ**




ନୂତନ ଯୋଜନା, ମତ ପାର୍ଥକ୍ୟ, ଯୋଗାଯୋଗ, ପ୍ରଯୁକ୍ତି ବିଦ୍ୟାରେ ଉନ୍ନତି, ଅତୀତ ଅନୁଚିନ୍ତା, ଅଂଶୀଦାରଙ୍କ କଳହ, ଭ୍ରାତୃ ସହଯୋଗ, ମନୋରଞ୍ଜନ କାର୍ଯ୍ୟକ୍ରମ, ବୁଝାମଣାରେ ସନ୍ଦେହ, ମାନସିକ ଅବସାଦ ॥

**ସିଂହ**



ବନ୍ଧୁଙ୍କ ପରାମର୍ଶ, କର୍ମକ୍ଷେତ୍ରରେ ଦକ୍ଷତା, ପ୍ରତିଯୋଗିତାରେ ସଫଳତା, ସାମାଜିକ ସମ୍ମାନ ଲାଭ, ସମ୍ପର୍କ ଯୋଡିବେ। ଅବହେଳିତ କାର୍ଯ୍ୟ, ଖର୍ଚ୍ଚ ପରିମାଣ ବୃଦ୍ଧି, ନେତୃତ୍ୱ ନେବେ ॥

**କନ୍ୟା**



ଅର୍ଥନୈତିକ କାର୍ଯ୍ୟକ୍ରମ, ନୂତନ ଚୁକ୍ତିପତ୍ର, ବାଣିଜ୍ୟ ପୁଞ୍ଜି ଲଗାଣ, ଉଚ୍ଚ ବର୍ଗର ସହାୟତା, ଲୋକ ସମ୍ପର୍କ ବୃଦ୍ଧି, ଆତ୍ମୀୟଙ୍କ ସମାଲୋଚନା, ସରକାରୀ ଋଣ, ବିଦେଶ ଯାତ୍ରା, ଶାରୀରିକ ଅସୁସ୍ଥତା।

**ତୁଳା**



ଉଦ୍ୟୋଗ ପ୍ରତିଷ୍ଠା, ବ୍ୟବସାୟିକ ସଫଳତା, ଯାନ୍ତ୍ରିକ ଜିନିଷ କ୍ରୟ, ଫାଇଲ୍ କାମ ବୃଦ୍ଧି, ପାରିବାରିକ ସମସ୍ୟା, ସଭା ସମିତିକୁ ନିମନ୍ତ୍ରଣ, ଧାର୍ମିକ କାର୍ଯ୍ୟ, ରୋଗପୀଡା, ନିଷ୍ପତ୍ତିବଦଳିବ ॥

**ବିଛା**



ଜନ କଲ୍ୟାଣ, ସନ୍ଦେହ ମୁକ୍ତ, ନୂତନ ମୈତ୍ରୀ, ଅର୍ଥ ସଂକଟ, ଯାବାହନରେ ତ୍ରୁଟି, ମହାଜନୀ ଚାପ, ବୁଝାମଣାରୁ ଶାନ୍ତି, ସ୍ୱାର୍ଥସାଧନ ଅଭିଳାଷ, ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା, ପକ୍ଷପାତିତା ମନୋଭାବ, ପ୍ରତିକୂଳ ବାତାବରଣ ॥

**ଧନୁ**




ସରକାରୀ ସୁବିଧା, ମିଥ୍ୟା ପ୍ରତିଶ୍ରୁତି, ପ୍ରିୟବନ୍ଧୁଙ୍କ ସାନ୍ନିଧ, ସ୍ୱାସ୍ଥ୍ୟଗତ ସମସ୍ୟା, ବାଣିଜ୍ୟିକ ଅଭିବୃଦ୍ଧି, ବାସ୍ତବବାଦୀ କଳ୍ପନା, ବିଜାତୀୟଙ୍କ ବଦାନ୍ୟତା, ବିବାଦର ଅବସାନ, ଚଳଚ୍ଚିତ୍ରରେ ବିବାଦ।

**ମକର**



ବୁଦ୍ଧିଜୀବୀଙ୍କ ସାନ୍ନିଧ, ନ୍ୟାୟୋଚିତ ପରାମର୍ଶ, ଗଠନ ମୂଳକ ପ୍ରେରଣା, କର୍ମଜଞ୍ଜାଳ ବୃଦ୍ଧି, ପ୍ରଶଂସାର ଖୋରାକ, ଆଧ୍ୟାତ୍ମିକତାରେ ଉନ୍ନତି, ଜିଦ୍‌ଖୋରରୁ କଳହ, କଳାରେ ଉତ୍କର୍ଷ, ଦୁଃସାହସିକ କର୍ମ ସମ୍ପାଦନ ॥

**କୁମ୍ଭ**



ପ୍ରୟୋଗାତ୍ମକ ଜ୍ଞାନ କୌଶଳ, କୂଟନୀତିର ମାୟାଜାଲ, ସେବା ମନୋବୃତ୍ତି, ଅର୍ଥ ସମ୍ପର୍କୀୟ ବିବାଦ, କାମର ଚାପ, ନିର୍ମାଣରେ ଦ୍ୱନ୍ଦ୍ୱ, ଭାରାକ୍ରାନ୍ତ ମନ, ଉଚ୍ଚଶିକ୍ଷାର ସୁଯୋଗ, କ୍ରୀଡା ନୈପୁଣ୍ୟତା, ସଂଘର୍ଷପୂର୍ଣ୍ଣ ପରିବେଶ ॥

**ମୀନ**



ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ, ସାମୟିକ ଆଶ୍ୱସ୍ତି, ସହକର୍ମୀଙ୍କ ଆତ୍ମୀୟତା, ଲୋଭନୀୟ ପ୍ରତିଶ୍ରୁତି। ସାମ୍ବାଦିକତାରୁ ସମ୍ମାନ, ସଂଗୀତ ସାଧନା, ନବଜାତ ଅତିଥି, ଚାକିରୀ ଅଫର, ଅନୁକୂଳ ବାତାବରଣ, ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ॥

# ସୋସିଆଲ ମିଡ଼ିଆରେ ସ୍ୱାଧୀନତାର ରଙ୍ଗ

**ସ୍ୱା**ଧୀନତା ଦିବସର ରଙ୍ଗ ଏବେ ସୋସିଆଲ ମିଡ଼ିଆରେ ବୋଳି ହୋଇ ଯାଇଛି। ବର୍ତ୍ତମାନ ଫେସବୁକ୍ ଆଉ ହ୍ୱାଟ୍ସଆପ୍‌ର ସମୟ। ପ୍ରତ୍ୟେକ ହାତରେ ସ୍ମାର୍ଟଫୋନ୍। ଆଉ ପ୍ରତ୍ୟେକଙ୍କ



ନାମରେ ଫେସ୍‌ବୁକ୍ ତଥା ହ୍ୱାଟ୍ସଆପ୍‌ରେ ଗୋଟିଏ ଲେଖାଏଁ ଆକାଉଣ୍ଟ। ସେହି ଫେସ୍‌ବୁକ୍ ହ୍ୱାଟ୍ସଆପ୍‌ରେ ସ୍ୱାଧୀନତାକୁ ନେଇ ବହୁକଥା ଦେଖିବାକୁ ମିଳୁଛି। ଡିପିରେ ତ୍ରିରଙ୍ଗା ପତାକା ରଖିବା, ନିଜର ନାମକୁ ତ୍ରିରଙ୍ଗାରେ ଲେଖିବା, ଷ୍ଟାଟସ୍‌ରେ ସ୍ୱାଧୀନତା ଦିବସର ଭିନ୍ନଭିନ୍ନ ଫଟୋଚିତ୍ର ରଖିବା, ଭିଡ଼ିଓ ଅପ୍‌ଲୋଡ୍ କରିବା, ଦେଶପ୍ରେମ ଗାଥା ଦେଖିବାକୁ ମିଳୁଛି। ଏହାକୁ ସ୍ୱାଧୀନତା ଦିବସ ପାଳନର ଏକ ନୂଆ ଟ୍ରେଣ୍ଡ ବୋଲି ମଧ୍ୟ କୁହାଯାଉଛି। କେହିକେହି ତ ନିଜ ମୁହଁକୁ ତ୍ରିରଙ୍ଗାରେ ସଜେଇ ଫଟୋ ଅପ୍‌ଲୋଡ଼ କରୁଛନ୍ତି। ମୋଟାମୋଟି ଭାବରେ କହିବାକୁ ଗଲେ, ସ୍ୱାଧୀନତା ଦିବସର ରଙ୍ଗରେ ସୋସିଆଲ୍ ମିଡ଼ିଆ ସଜେଇ ହୋଇଯାଇଛି।

# ପାଠକୀୟ

➢ବନ୍ଧୁତା ଦିବସ ପାଇଁ ଉଦ୍ଦିଷ୍ଟ ପ୍ରଚ୍ଛଦ ପ୍ରସଙ୍ଗ 'ବନ୍ଧୁ' ବେଶ୍ ମନଛୁଆଁ ହୋଇପାରିଥିଲା। 'ଭିନ୍ନକ୍ଷମ ଭାଇ ପାଇଁ ଭଉଣୀର ଉପହାର' ପାଠଟି ବି ହୃଦୟସ୍ପର୍ଶୀ ଥିଲା। ହାଃ ହାଃ ମଜାଦାର ଥିଲା। ସିନେମା ପୃଷ୍ଠାର ପାଠଗୁଡିକ ଭଲ ଲାଗିଲା। ସହରଠୁ ଦୂର ପୃଷ୍ଠାଟି ମୋର ଭାରି ପ୍ରିୟ ଥିଲା। ତାକୁ ପୁନଃ ଦେଲେ ଭଲ ହୁଅନ୍ତା।

*–କୁନ୍ ମୁନ୍ ସ୍ୱାଇଁ, ରାୟଗଡା*

➢ ବନ୍ଧୁତା ଏକ ପବିତ୍ର ସମ୍ପର୍କ। ଏହା କେତେବେଳେ କାହା ସହ ହେବ କହି ହୁଏନା । ତେବେ ସବୁ ବନ୍ଧୁତା ଦୀର୍ଘସ୍ଥାୟୀ ହୋଇପାରି ନ ଥାଏ। ଏଥର ପ୍ରଚ୍ଛଦ ପ୍ରସଙ୍ଗରେ ବର୍ଷ ବର୍ଷ ଧରି ସମ୍ପର୍କକୁ ବଜାୟ ରଖିଥିବା ବନ୍ଧୁମାନଙ୍କ କାହାଣୀ ବହୁତ ଭଲ ଲାଗିଲା। ସୃଜନ ପୃଷ୍ଠାର ଗପ କବିତାଗୁଡିକ ବି ମନକୁ ଛୁଇଁଗଲା।

*–ମନୋରଞ୍ଜନ ବାରିକ, ନୂଆଗାଁ, କନ୍ଧମାଳ*

➢ଶିବ ମିଶ୍ରଙ୍କ ରଚିତ ଗପ 'କଳିହୁଡି' ବେଶ୍ ନିଆରା ଓ ମଜାଦାର ଥିଲା। କବିତାଗୁଡିକ ବି ଭଲ ଲାଗିଲା। ମଡେଲ ମିରର୍‌ରେ ସୌମ୍ୟରଞ୍ଜନ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ହାଃ ହାଃ ପଢି ମୁଁ ହସି ହସି ବେଦମ୍ ହେଇଗଲି।

*–ନିରୁପମା ଧଳ, ଜଗତ୍‌ସିଂହପୁର*

➢ପ୍ରଚ୍ଛଦ ପ୍ରସଙ୍ଗ ସହ 'ସୁନ୍ଦର ଦେଶର କଥା' ବିଷୟଟି ବି ବେଶ୍ ଉଚ୍ଚକୋଟୀର ଥିଲା। ବ୍ୟାକ୍‌ପେଜ୍‌ରେ ପ୍ଲାଷ୍ଟିକ ବୋତଲରେ ତିଆରି ଦ୍ୱୀପ ପାଠଟି ପଢି ଆଶ୍ଚର୍ଯ୍ୟ ଲାଗିଲା। କାର୍ଟୁନ କର୍ନରର ହାସ୍ୟାସ୍ପଦ ଥିଲା।

*–ସ୍ୱରାଜ ମିଶ୍ର, ଇଟାମାଟି, ନୟାଗଡ*

➢ସିନେମା ପୃଷ୍ଠାର 'କାହାଣୀ ସନ୍ଧାନରେ କଙ୍ଗନା', 'ଅନୁତାପ କରୁଛନ୍ତି ହୁମା' ଆଦି ପାଠ ଭଲ ଲାଗିଲା। ସୃଜନ, ବ୍ୟାକ୍‌ପେଜ୍ ବି ମୋର ଭାରି ପ୍ରିୟ। ପ୍ରଚ୍ଛଦ ପ୍ରସଙ୍ଗ 'ବନ୍ଧୁ' ଉଚ୍ଚକୋଟୀର ଥିଲା।

*–ବାଞ୍ଛାନିଧି ପୁହାଣ, ଫୁଲନଖରା*

➢ବ୍ୟାକ୍‌ପେଜ୍, ମଡେଲ ମିରର୍, ସୃଜନ ପୃଷ୍ଠା ମୋର ବହୁତ ପ୍ରିୟ। 'ସୁନ୍ଦର ଦେଶର କଥା' ବିଷୟଟି ରୋଚକ ଥିଲା। ପ୍ରଚ୍ଛଦ ପ୍ରସଙ୍ଗର ଉପସ୍ଥାପନା ଶୈଳୀ ଭଲ ଲାଗିଲା। ସାଥୀଙ୍କ ମଜାଦାର ଉତ୍ତର ଆଉ ପଢିବାକୁ ମିଳୁନି। କେବେ ଏହି ପୃଷ୍ଠାକୁ ଦେବେ ଅପେକ୍ଷାରେ ରହିଛୁ।

*–ସ୍ମିତି ମହାନ୍ତି, ବୌଦ୍ଧ*

➢ବନ୍ଧୁତାକୁ ନେଇ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବନ୍ଧୁ' ହୃଦୟସ୍ପର୍ଶୀ ହୋଇପାରିଥିଲା। ସିନେମା, ବ୍ୟାକ୍‌ପେଜ୍ ପଢିବାକୁ ମତେ ଭଲ ଲାଗେ। ହେଲେ ଛୁଟିଦିନର ପୃଷ୍ଠା ସଂଖ୍ୟା ଏବେ କମିଯାଇଥିବାରୁ ମନ ଦୁଃଖ ହୁଏ।

*–ଗୌତମ ବେହେରା, ଆସିକା, ଗଞ୍ଜାମ*

## ବିଶେଷ ଚିଠି



ରବିବାର ସକାଳ
ଅପେକ୍ଷାର ସକାଳ
କେତେବେଳେ ଆସିବ
ସେ ପ୍ରିୟ ଛୁଟିଦିନ।
ଆସିଗଲେ ହାତକୁ
ଉଡେ ମନ ଆକାଶେ
ପଢୁ ପଢୁ ଗଡିଯାଏ
ଯେତେସବୁ ସମୟ।

*–ଚିନ୍ମୟ ରଣା, ବାରଙ୍ଗ, କଟକ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଫଟୋ ପାଇଁ...

ଫଟୋଗ୍ରାଫି ଏକ ନିଶା। ଏଇ ନିଶା ଯେବେ ବଢ଼ି ବଢ଼ି ଚାଲେ, ଫଟୋ ଉଠାଉଥିବା ମଣିଷଜଣକ ଭୁଲିଯାଏ ସବୁକିଛି। ଏମିତିକି ନିଜେ ନିଜକୁ ବି। କେମିତି, କେଉଁ ସ୍ଥିତିରେ ସେ ପାଇବ ଏକ ପରଫେକ୍ଟ କ୍ଲିକ୍, ସେଥିପାଇଁ ସେ କରେ ଯେତେସବୁ ପ୍ରୟାସ। ଏମିତିକି ଜୀବନ ବାଜିରେ ଲାଗିଗଲେ ବି ନ ଥାଏ ତା'ର ନିଘା। କାରଣ ସେ ପ୍ରସ୍ତୁତ ଥାଏ ସବୁ ପରିସ୍ଥିତିକୁ ସାମ୍ନା କରି ଯେମିତି ହେଲେ ପାଇବ ଏକ ପରଫେକ୍ଟ କ୍ଲିକ୍....

**ରସେଲ ଓର୍ଡ—** ସମୁଦ୍ରର ଉତ୍ତାଳ ତରଙ୍ଗ, କେବେ ଲାଗେ ବେଶ୍ ଆକର୍ଷକ ତ କେବେ ଭୟଙ୍କର। ତଥାପି ଏହି ଢେଉ ସହ ଖେଳିବା ତଥା ସର୍ଫିଂ କରିବାକୁ ଅନେକ ଦୁଃସାହସୀ ମଣିଷ ଭଲ ପାଆନ୍ତି। ଆଉ କିଛି ଦୁଃସାହସୀ ମଣିଷ ନିଜ ଜୀବନକୁ ବାଜି ଲଗାଇ ଉକ୍ତ ଦୃଶ୍ୟକୁ ନିଜ କ୍ୟାମେରାରେ ବାନ୍ଧି ରଖିବାକୁ ବି ଚାହାନ୍ତି। ସେମିତି ଜଣେ ମଣିଷ ହେଉଛନ୍ତି ଫଟୋଗ୍ରାଫର୍ ରସେଲ୍ ଓର୍ଡ। ରସେଲ୍‌ଙ୍କ ପାଇଁ ଫଟୋଗ୍ରାଫି ଏମିତି ଏକ ନିଶା, ଯାହା ପାଇଁ ସେ ଚାକିରି ଛାଡି ଦେଇଥିଲେ। ତାଙ୍କର ଇଚ୍ଛା ଥିଲା ଢେଉ ମଝିରେ ତଥା ଯେତେବେଳେ ଢେଉ ଉପରକୁ ଉଠି ପୁଣି ଜଳ ସହ ମିଶେ ମଝିରେ ଏକ ଗୋଲାକାର ରୂପ(ଟ୍ୟୁବ୍) ଧାରଣ କରେ, ଏହି ଟ୍ୟୁବ୍ ମଧ୍ୟରେ ସର୍ଫର୍ ଥିବା ବେଳର ଶଟ୍ ନେବେ। ନିଜ ଇଚ୍ଛାକୁ ପୂରଣ କରିବା ପାଇଁ ସେ ନିଜେ ଗଭୀର ସମୁଦ୍ର ଭିତରକୁ ଯାଉଥିଲେ। ଆଉ ବିଶାଳ ଢେଉ ଓ ସର୍ଫରଙ୍କ ଖୁବ୍ ନିକଟକୁ ଯାଇ ପରଫେକ୍ଟ ଶଟ୍ ନେବାକୁ ଚେଷ୍ଟା କରୁଥିଲେ। ଏହି କାମରେ ତାଙ୍କର ବନ୍ଧୁ ମଧ୍ୟ ସହଯୋଗ କରୁଥିଲେ। ସେ ତାଙ୍କୁ ସର୍ଫର୍‌ଙ୍କ ନିକଟକୁ ନେଇ ଛାଡି ଦେଉଥିଲେ। ଆଉ ରସେଲ୍ ଉପଯୁକ୍ତ ସ୍ଥାନ ବାଛି ପରଫେକ୍ଟ ଶଟ୍ ନେବା ପାଇଁ ପ୍ରୟାସ କରୁଥିଲେ। ଦୀର୍ଘ ୪ ବର୍ଷ ଧରି ବିଶାଳ ଢେଉ ସହ ଲଢ଼ି ଲଢ଼ି ଶେଷରେ ୨୦୧୮ରେ ମନଲାଖି ଶଟ୍ ପାଇବାରେ ରସେଲ୍ ସଫଳ ହୋଇଥିଲେ। ଭୟଙ୍କର ଢେଉ ଭିତରେ ସର୍ଫର୍‌ଙ୍କ ଫଟୋ ନେବା ସହ ସୁଉଚ୍ଚ ଜୁଆରର ଅନେକ ଚମତ୍କାର ଓ ଅସମ୍ଭବ ଶଟ୍ ମଧ୍ୟ ସେ ନେବାରେ ସଫଳ ହୋଇଥିଲେ। ଯେଉଁଥିପାଇଁ ଆଜି ରସେଲ୍ ଜଣେ ବିଶିଷ୍ଟ ଫଟୋଗ୍ରାଫର ଭାବେ ପରିଚିତ। ଉକ୍ତ ଫଟୋସବୁ ସେ ପଶ୍ଚିମ ଅଷ୍ଟ୍ରେଲିଆର ଦ ରାଇଟ୍ ଅଞ୍ଚଳରେ ଉଠାଇଛନ୍ତି।

**କୋରେ ରିଚ୍—** ପୃଥିବୀର ଜଣେ ବିଶିଷ୍ଟ ଆଡଭେଞ୍ଚର୍ସ ଫଟୋଗ୍ରାଫର୍ ଭାବେ ପରିଚିତ କୋରେ ରିଚ୍। ଦୀର୍ଘ ୨୦ ବର୍ଷ ଧରି ସେ ଅନେକ ଡେୟାର୍ ଡେଭିଲ୍ ଫଟୋଶୁଟ୍ କରିଛନ୍ତି। ଦୁଃସାହସିକ କାମ କରୁଥିବା ଲୋକଙ୍କର ଫଟୋକୁ ଦୁଃସାହସିକ ଭାବେ ଉଠାଇବା ତାଙ୍କର ସଉକ। ତେବେ ସେ ଉଠାଇଥିବା ଜଣେ ଫ୍ରି କ୍ଲାଇମ୍ବରଙ୍କ ଫଟୋ ବେଶ୍ ଚର୍ଚ୍ଚିତ ହୋଇଥିଲା। ଉକ୍ତ ଫଟୋରେ ଦେଖିବାକୁ ମିଳେ ଚଢ଼ାଳି ଜଣକ ବିନା କୌଣସି ଉପକରଣ ସାହାଯ୍ୟରେ ଏକ ତୀଖ ମସୃଣ ପାହାଡ଼ ଚଢୁଛନ୍ତି। ପାହାଡ଼ ମଝିରେ ଥିବା ଏକ ଲମ୍ବା ଫାଟକୁ ହିଁ ଧରି ଧରି ଚଢ଼ାଳି ଜଣକ ଯାଉଛନ୍ତି ଉପରକୁ ଉପରକୁ। ଆଉ ପାହାଡ଼ ଚଢ଼ାଳିଙ୍କ ଠିକ୍ ଉପରେ ରିଚ୍ ଏକ ଶିଡିକୁ ଝୁଲାଇ ରଖି ତା'ଉପରେ ନିର୍ଭୟରେ ଠିଆ ହୋଇ ଫଟୋ ଉଠାଉଛନ୍ତି। ସେ ଚଢାଳିଙ୍କର ଉପରପଟୁ ଶଟ୍ ନେବା ପାଇଁ ଏତେ ବଡ଼ ବିପଦ ମୁଣ୍ଡାଇଥିଲେ। ଫଟୋଗ୍ରାଫର୍‌ଙ୍କର ଏହି ଦୁଃସାହସିକ କାର୍ଯ୍ୟ ସମସ୍ତଙ୍କୁ ଚକିତ କରିଥିଲା। ଆଉ ଫଟୋଟି ପାଲଟି ଯାଇଥିଲା ଚର୍ଚ୍ଚାର ବିଷୟ।

**ହେନରିକ୍ ଜାନୋଓସ୍କି—** ଫଟୋଗ୍ରାଫି ଭିତରେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ବହୁତ କଷ୍ଟକର। ବନ୍ୟ ପ୍ରାଣୀଙ୍କୁ ସେମାନଙ୍କ ପ୍ରାକୃତିକ ସ୍ଥିତିରେ ଫଟୋ ଉଠାଇବା କୌଣସି ଚ୍ୟାଲେଞ୍ଜଠାରୁ କମ୍ ନୁହେଁ। କେତେବେଳେ ଆକ୍ରମଣର ଆଶଙ୍କା ଥାଏ ତ କେବେ କ୍ୟାମେରା ଦେଖି ଜୀବଜନ୍ତୁଙ୍କ ଭୟରେ ସ୍ଥାନ ଛାଡି ଚାଲି ଯିବାର ଥାଏ ଆଶଙ୍କା। ତେଣୁ ବେଶ୍ ସତର୍କତାର ସହ ଫଟୋ ଉତ୍ତୋଳନ କରିବାକୁ ହୁଏ। ହେନରିକ ଜାନୋଓସ୍କି ହେଉଛନ୍ତି ଜଣେ ୱାଇଲ୍ଡ ଲାଇଫ ଫଟୋଗ୍ରାଫର। ଆଉ ସେ ବେଶ୍ ଭଲ ଭାବେ ଜାଣନ୍ତି ଏହି ଫଟୋଗ୍ରାଫି ସମୟରେ କ'ଣ ସବୁ ଅସୁବିଧା ରହିଛି। ତେଣୁ ସେ ଲୁଚି ରହି ଫଟୋ ଉଠାନ୍ତି। ପାଣି ଭିତରେ ଚଢ଼େଇଙ୍କର ଫଟୋ ଉତ୍ତୋଳନ ପାଇଁ ସେ ହଂସ ପରି ଦେଖାଯାଉଥିବା ଏକ ବୋଟ୍ ବି ତିଆରି କରିଛନ୍ତି। ଉକ୍ତ ବୋଟ୍ ଭିତରେ ସେ ବେଶ୍ ସତର୍କତାର ସହ କ୍ୟାମେରା ଲୁଚାଇ ରଖନ୍ତି। ଏଥିରେ କ୍ୟାମେରା ନଷ୍ଟ ହୋବର ଆଶଙ୍କା ନ ଥାଏ। ତେବେ ହେନରିକ୍ ଥଣ୍ଡା ବରଫ ପାଣି ଭିତରେ ବେକ ପର୍ଯ୍ୟନ୍ତ ବୁଡି ଘଣ୍ଟା ଘଣ୍ଟା ଚଢ଼େଇଙ୍କୁ ଅପେକ୍ଷା କରନ୍ତି। ଚଢ଼େଇମାନେ ଯେପରି ଭୟ ନ କରନ୍ତି, ଡିଷ୍ଟର୍ବ ନ ହୁଅନ୍ତି ସେଥିପ୍ରତି ସେ ଧ୍ୟାନ ଦିଅନ୍ତି। ଆଉ ଚେଷ୍ଟା କରନ୍ତି ସେମାନଙ୍କର ଖୁବ୍ ନିକଟକୁ ଯାଇ ପରଫେକ୍ଟ କ୍ଲିକ୍ ନେବା ପାଇଁ। ଅନେକ ଧୈର୍ଯ୍ୟର ସହ ନେଉଥିବା ତାଙ୍କର ପ୍ରତ୍ୟେକ କ୍ଲିକ୍ ଉଚ୍ଚକୋଟୀର ହୋଇଥାଏ। ଏଥିପାଇଁ ସେ ଅନେକ ପୁରସ୍କୃତ ବି ହୋଇଛନ୍ତି।


**କର୍ଓ୍ୱିକା ସିଙ୍ଗ୍‌ସନ୍—** କର୍ଓ୍ୱିକା ସିଙ୍ଗ୍‌ସନ୍ ଜଣେ ହାଇକର୍, ଭୂଦୃଶ୍ୟ ଫଟୋଗ୍ରାଫର୍ ବି। କିଛି ବର୍ଷତଳେ ହାୱାଇ, କାଇଲୁଆ-କୋନାର ଏହି ଫଟୋଗ୍ରାଫର୍ ଜଣକ ଏକ ଫଟୋ ପାଇଁ ହୋଇଥିଲେ ବେଶ୍ ଚର୍ଚ୍ଚିତ, ଯେଉଁଥିରେ ତାଙ୍କର ଫଟୋଗ୍ରାଫି ପ୍ରତି ସମର୍ପଣଭାବ ବେଶ୍ ବାରି ହେଉଥିଲା। କର୍ଓ୍ୱିକା ରହୁଥିବା ଅଞ୍ଚଳରେ ଅନେକ ସୁପ୍ତ ଓ ଜୀବନ୍ତ ଆଗ୍ନେୟଗିରି ଅଛି। ଏହି ଆଗ୍ନେୟଗିରିକୁ ଯାଇ ସେ ଅନୁଧ୍ୟାନ କରୁଥିଲେ। ଆଉ ଏହାର ଦୃଶ୍ୟକୁ ନିଜ କ୍ୟାମେରାରେ କଏଦ କରିବାକୁ ଚେଷ୍ଟା କରୁଥିଲେ। ୨୦୧୩ରେ ବି ସେ ସ୍ଥାନୀୟ ଏକ ଆଗ୍ନେୟଗିରି ଯାଇଥିଲେ। ତେବେ ସେଠାରେ ଏମିତି କିଛି ଫଟୋ ଉଠାଯାଇଥିଲା, ଯାହାକୁ ଦେଖି ସାରା ଦୁନିଆ ଚକିତ ହୋଇଯାଇଥିଲା। ଆଉ ସେ ରାତାରାତି ଚର୍ଚ୍ଚାର ପରିସରଭୁକ୍ତ ହୋଇଥିଲେ। ତେବେ କର୍ଓ୍ୱିକା ନିଜେ ଉଠାଇଥିବା ଫଟୋ ପାଇଁ ଚର୍ଚ୍ଚିତ ହୋଇ ନ ଥିଲେ, ବରଂ ଜୀବନକୁ ବାଜି ଲଗାଇ ଉତ୍ତପ୍ତ ଆଗ୍ନେୟଗିରି ଉପରକୁ ଯାଇଥିବାର ଫଟୋ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କର୍ଓ୍ୱିକାଙ୍କ ସହଯୋଗୀ ଫଟୋଗ୍ରାଫର କ୍ରିଷ୍ଟୋଫର୍ ହିରାତା ସେହି ଫଟୋ ଉଠାଇଥିଲେ। ଏହି ଫଟୋରେ ସେ ଶକ୍ତ ଉତ୍ତପ୍ତ ଆଗ୍ନେୟଗିରି ଉପରେ ଠିଆ ହୋଇ ଫଟୋ ଉଠାଉଛନ୍ତି। ଆଉ ତାଙ୍କ ଜୋତା ଓ ଟ୍ରାଇପଡ୍‌ରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳେ। ତଥାପି ସେ ଜୀବନ୍ତ ଲାଭାର କରାଳ ରୂପକୁ କ୍ୟାମେରାରେ କଏଦ କରିବାରେ ବ୍ୟସ୍ତ ଥିଲେ। ଏହି ଫଟୋ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଗଲା। କେହି କେହି ଏହି ଫଟୋକୁ ଏଡିଟ୍ କରାଯାଇଛି ବୋଲି କହିଲେ। ଶେଷରେ କର୍ଓ୍ୱିକା ସଫେଇ ଦେଇ କହିଥିଲେ ଯେ, 'ମୁଁ ଆଗ୍ନେୟଗିରି ଉପରକୁ ଯିବା ସତ। ଆଉ ଲାଭାର ଫଟୋ ଉଠାଇବା ବି ସତ। ଏଥିପାଇଁ ମୁଁ ବେଶ୍ ସତର୍କତା ଅବଲମ୍ବନ କରିଥିଲି। ଅଭିଜ୍ଞତା ନ ଥିବା ଫଟୋଗ୍ରାଫର ଏହା କରିପାରିବେ ନାହିଁ। କାରଣ ଲାଭାର ଶକ୍ତ ଭାଗ ଭାଙ୍ଗି ଉତ୍ତପ୍ତ ଲାଭା ବାହାରକୁ ବାହାରି ଆସିବାର ଆଶଙ୍କା ଥାଏ। ତେବେ ଜୋତା ଓ ଟ୍ରାଇପଡ୍‌ରେ ନିଆଁ ଗରମ ଲାଭା ପାଇଁ ଲାଗି ନ ଥିଲା। ବରଂ ମୁଁ କିଛି ରସାୟନିକ ପଦାର୍ଥ ପ୍ରଲେପ କରିବାରୁ ସେଥିରେ ନିଆଁ ଲାଗିଥିଲା। ଏଭଳି କରିବା ପଛର ଉଦ୍ଦେଶ୍ୟ ଥିଲା ଫଟୋକୁ ଜୀବନ୍ତ କରିବା। ସେହି ଉତ୍ତପ୍ତ ଲାଭା ଉପରେ ମୁଁ ମାତ୍ର କେଇ ସେକେଣ୍ଡ ହିଁ ଠିଆ ହେବାକୁ ସମର୍ଥ ହୋଇଥିଲି।'


—ଶିବାନୀ ମହାନ୍ତି











## ଦୌଡ଼

– ପବିତ୍ର ବ୍ରହ୍ମପୁତ୍ର ନାୟକ

ତମେ ଛୁଇଁଦେବା କ୍ଷଣି
ମୁଁ ନଦୀରୁ ପାଲଟିଯାଏ ସମୁଦ୍ର
ଶଂବାଳୁଆରୁ ପ୍ରଜାପତି

ତମେ ଚାହିଁଦେବା କ୍ଷଣି
ମୁଁ ପଥରରୁ ପାଲଟିଯାଏ ମୂର୍ତ୍ତି
ବୀଜରୁ ମହାଦ୍ରୁମ

ତମେ ଡାକିଦେବା କ୍ଷଣି
ମୁଁ ପାଲଟିଯାଏ ପୃଥିବୀ
ନଦୀକୂଳର ବଂଶୀସ୍ୱନ
ଚଞ୍ଚଳ ହରିଣର ଗତି
କଳାହାଣ୍ଡିଆ ମେଘ
ମାତଲ ମୟୂରୀର ଉଦଣ୍ଡ ନୃତ୍ୟ
ଈଗଲର ଉଡାଣ
ଗୁଣ୍ଡୁଚି ମୂଷାର ନିମ୍ନତମ ଦୌଡ଼ ।

–ରାଜନଗର, କେନ୍ଦ୍ରାପଡା
ମୋ–୯୪୩୭୬୧୩୪୩୮

## କରୋନା : ତିନୋଟି ଏକପଦୀ

– ବିପିନ ବିହାରୀ ରାଉତ

✲ ଏପଟେ ଜୀବନ ସେପଟେ ଜୀବିକା
ମଝିରେ କରୋନା ନଇ
ଦୁଇ କୂଳ ଖାଇ ସ୍ରୋତ ତା' ବହୁଛି
ଥଳ କୂଳ କିଛି ନାହିଁ ।
✲ ସଙ୍କଟ ଚୁଲିରେ ଯାତନାର ହାଣ୍ଡି
ଫୁଟୁଚି ଭୋଟର ଭାତ
କ୍ଷଣକେ ଜୀବନ କ୍ଷଣକେ ମରଣ
ଯୂପ କାଟେ ଭବିଷ୍ୟତ ।
✲ ସାଇ ଭାଇ ବୋଲି ବନ୍ଧୁ ବାନ୍ଧିଥିଲି
ମଲା ବେଳେ ଦେବେ କାନ୍ଧ
ଶବକୁ ମୋହର କେହି ନ ଛୁଇଁଲେ
ଶ୍ମଶାନ କଲେ ବାସନ୍ଦ।

–ସିଡିଏ, କଟକ

# ଅପେକ୍ଷା

–ଓଁ ଅଭିଜ୍ଞାନ ସାହୁ

ବୁଢ଼ୀକୁ ବୋଧେ ଅଶୀ ପାଖାପାଖି ହେବ । ବିଛଣାରୁ ଓହ୍ଲେଇ ପାରୁନି । କଥା କମ ଲୁହ ଗାଳୁଛି ବେଶି । ବିଛଣା ଅସନା ହୋଇଯାଉଛି ଝାଡ଼ା ପରିସ୍ରାରେ । ପଡୋଶୀ ହୋଇଥିବା ପୁତୁରା ବୋହୂ ମଝିରେ ମଝିରେ ଆସି ବୁଢ଼ୀ ପାଇଁ କିଛି ଖାଇବା ଥୋଇ ଦେଇଯାଏ । ଦୁନିଆ ଯାକର ବେମାର ତ ଏବେ ବୁଢ଼ୀ ପାଖରେ । ଭୋକ ଆଉ କ'ଣ ହଉଛି ! ଦିନକର ଖାଇବାକୁ ଦୁଇଦିନରେ ସାରିହେଉନି । ପୁଅ ବିଦେଶରେ। ପାଖବାଟ ନୁହେଁ ଦୌଡ଼ି ଆସିବ। ଥରକେ ଦୁନିଆ ପଇସା ଖର୍ଚ୍ଚବାର୍ଚ୍ଚ । ବିଦେଶିନୀ ବୋହୂ ନୁହେଁ ପୁଅ ଶୁଣେଇ ଦେଇଛି ଫୋନରେ ଏଭଳି କଥା ଅନେକଥର ଯେତେବେଳେ ପୁଅକୁ ମାଆ ଖୋଜେ ପାଖରେ ।

ଆଗରୁ କିଛି ଖବର ନ ଦେଇ ହଠାତ ପୁଅ ଦିନେ ବୋହୂ ନାତିକୁ ନେଇ ଗାଁ ଘରେ ହାଜର । ପୁଅକୁ ଦେଖି ଜାଣ ବୁଢ଼ୀର ଅଧା ରୋଗ ଭଲ ହୋଇଗଲା । କାମ କରିବାକୁ ସହଜ ନୁହେଁ ବୋଲି ହୋଟେଲରୁ ମଗେଇ ସମସ୍ତେ ଖାଇଲେ । ସନ୍ଧ୍ୟାରେ ମାଆ ପାଖରେ ବସି ନାତିର ବଗୁଲିଆ ଗୁଣ ଗପିବା ଭିତରେ ପୁଅ ମାଆକୁ କହିଲା ସେ ସବୁଦିନ ପାଇଁ ଭାରତ ଚାଲିଆସିଛି । ଆଉ ସେ ବିଦେଶରେ ରହିବ ନାହିଁ । ଏବେ କାଳେ ଭାରତର ଅର୍ଥନୀତିରେ ବେଶ ସୁଧାର ଆସିଲାଣି । ବାଙ୍ଗାଲୋରରେ ନିଜର ଗୋଟେ ସଂସ୍ଥା ଆରମ୍ଭ କରିବ । ବୁଢ଼ୀକୁ ବୁଝେଇଦେଲା ପିଲାଙ୍କ ପାଖରେ ବାଙ୍ଗାଲୋରରେ ଯାଇ ରହିବା ଲାଗି । ଭଲ ପଇସା ଦେଇ ଘର କିଣିନେବାକୁ ଲୋକ ମଧ୍ୟ ଠିକ ହୋଇଯାଇଛନ୍ତି । ବୁଢ଼ୀ ବି ଅନ୍ୟ ବୁଢ଼ୀମାନଙ୍କ ଭଳି ଭିଟାମାଟି, ବାପାଙ୍କ ସ୍ମୃତି ବୋଲି ଅଡ଼ି ନ ବସି ଭାବିଲା ଯାହାର ସମ୍ପତ୍ତି ସେ ତ ଏଠି ରହିବନି ତାହାହେଲେ ଏ ଘରଡିହ ରଖି ଭୂତ କାହିଁକି ଅଯଥାରେ ଖୁଆଇବ ! ଶେଷ ଅବସ୍ଥାରେ ପୁଅ ପାଖରେ ନାତି ସହ ହସିଖେଳି ସମୟ କାଟିବା କଳ୍ପନାରେ ବୁଢ଼ୀର ଦେହରେ ବଳ ଆସିଗଲା ।


ଘର ବିକ୍ରି କବଲା ସରିଲା। ପୁଅ ମାଆକୁ କହିଲା ଯିବା ବାଟରେ ବଡ଼ ମେଡିକାଲରେ ଦେଖେଇ ଔଷଧ ନେଇଯିବା । କହିବା ପରଦିନ ସକାଳୁ ବୁଢ଼ୀକୁ ଧରି ସମସ୍ତେ ବାଙ୍ଗାଲୋର ବାହାରିଲେ । କଟକ ବାଟଦେଇ ଭୁବନେଶ୍ୱର ଯିବେ । ସନ୍ଧ୍ୟାରେ ଫ୍ଲାଇଟ । କଟକରେ ପହଞ୍ଚି ହୋଟେଲରେ ସ୍ତ୍ରୀ ପିଲାଙ୍କୁ ଛାଡି ପୁଅ ମାଆକୁ ନେଇ ବଡ଼ ମେଡିକାଲ ଗଲା । ଡାକ୍ତର ଦେଖେଇଲା । ରୁମ ବାହାରେ ବୁଢ଼ୀକୁ ବସେଇଦେଇ ଡାକ୍ତର ବାବୁଙ୍କ ସହ କ'ଣ ସବୁ କଥା ହେଲା କେଜାଣି ବାହାରକୁ ଆସିଲାବେଳେ ପୁଅ ମୁହଁର ଭାବ ବଦଳିଗଲା । ଶୁଖି ଯାଇଥିଲା ତା'ର ମୁହଁ । କହିଲା , "ଅପେକ୍ଷା କର ଔଷଧ ଧରି ଆସୁଛି । ତୋର ଅଧିକ ଯତ୍ନ ଦରକାର ବୋଲି ଡାକ୍ତର କହିଲେ । "

ଶହ ଶହ ଲୋକଙ୍କ ଯିବା ଆସିବା ଲାଗିରହିଥିଲା ସେଠାରେ । ଅନେକ ସମୟ ଧରି ଲୁହା ଚୌକି ଉପରେ ବସି ବୁଢ଼ୀର ଅଣ୍ଟା ବିନ୍ଧିଲାରୁ ତଳକୁ ଗୋଡ଼ ଲମ୍ବେଇ କାନ୍ଥରେ ନିଜକୁ ଆଉଜେଇ ବସିରହିବାକୁ ଚେଷ୍ଟା କରୁଥିଲା କିନ୍ତୁ ତାକୁ ବସିବାକୁ ସୁବିଧା ହେଉ ନ ଥିଲା । ବାରଣ୍ଡା ସଫା କରୁଥିବା ବେହେରା ଦୁଇ ତିନିଥର ବୁଢ଼ୀକୁ ତା'ର ଅପେକ୍ଷାକୁ ନେଇ ପ୍ରଶ୍ନ ପଚାରି ସାରିଲାଣି । ବୁଢ଼ୀର ସେଇ ଗୋଟିଏ ଉତ୍ତର ପୁଅ ଔଷଧ ଆଣିସାରି ମୋତେ ନେଇଯିବ । ଦିନ ଗଡି ସନ୍ଧ୍ୟା ହେଲା । ପୁଅ ଆସିଲାନି । ସନ୍ଧ୍ୟାରେ ତାକୁ ସାଙ୍ଗରେ ନେଇ ପୁଅକୁ ବାଙ୍ଗାଲୋର ଯିବା କଥା । ବୁଢ଼ୀର ଆଖିରେ ଲହଡ଼ି ମାରୁଥିଲା ଲୁହ ଭୋକ ଏବଂ ଆତଙ୍କିତ ଅପେକ୍ଷାରେ ।

ଅନେକ ସମୟରୁ ବୁଢ଼ୀକୁ ଲକ୍ଷ୍ୟ କରୁଥିବା ବେହେରା ରୁମରେ ତାଲା ପକାଇ ଦେଖିଲା ବୁଢ଼ୀ ସେମିତି କାନ୍ଥକୁ ଆଉଜି ବସିଚି । ମଣିଷ ନୁହେଁ ତ ଯେମିତି ହାଡର ଛାଞ୍ଚ ଖଣ୍ଡେ । ଆଖିରେ କାହିଁ କେତେବର୍ଷର ଜମାଟବନ୍ଧା ଯନ୍ତ୍ରଣା । ଏହି ସବୁ ଦୃଶ୍ୟ ଏଠାରେ ଚାକିରି କରିବା ଭିତରେ ଘଷରା ହୋଇଗଲାଣି । ଘରକୁ ଯିବା ପୂର୍ବରୁ ବେହେରା ବୁଢ଼ୀ ସହ ଗପ ଜମେଇ ବୁଝିବାକୁ ଚାହିଁଲା ସବୁ । ବାହାଘରକୁ ଚାରି ବର୍ଷ ନ ପୁରୁଣୁ ସ୍ୱାମୀ ଦେଶ ପାଇଁ ଶହୀଦ ହୋଇଗଲେ । ଗୋଟିଏ ବୋଲି ପୁଅ ମୁହଁକୁ ଚାହିଁ ଦିନ କାଟିବା ଭିତରେ ପୁଅ ବଡ଼ ହୋଇ ଜିଦ୍ କରି ବିଦେଶ କ'ଣ ଗଲା ଯେ ଏକଦମ ପର ହେଇଗଲା । ଗାଁରେ ଘର ଡିହ ବିକି ପୁଅକୁ ଦେଇ ଶେଷ ଅବସ୍ଥାରେ ପୁଅର ମୁଖାଗ୍ନି ପାଇବା ପାଇଁ ବଡ଼ ସହର ବାହାରିଲା ହେଲେ ପୁଅ କାମ ବାହାନାରେ ଭିଡଟା ଭିତରେ ତାକୁ ହଜେଇଦେଇ ଯାଇଛି ଯେ ଆସିନି ସେଯାଏଁ । ବୁଢ଼ୀର କୋହ ଲୁହରେ ବାହାରି ପାରୁ ନ ଥିବା କଥା ସବୁକୁ ଏକାଠି କରି ବୁଝିଗଲା ବେହେରା ବୁଢ଼ୀକୁ ବୋଝେ ଅଳିଆ ଭାବି ଫିଙ୍ଗି ଦେଇ ଯାଇଛି ପୁଅ ଡାକ୍ତରଖାନାରେ । ଏହା ହିଁ ହୁଏ ସବୁବେଳେ । ଗୋଟାଏ ଦୀର୍ଘନିଃଶ୍ୱାସ ଛାଡି କହିଲା , "ନିରାଶ୍ରୟ ଲୋକମାନଙ୍କ ପାଇଁ ସରକାର ମାଗଣା ଚିକିତ୍ସା ବ୍ୟବସ୍ଥା କରିଛନ୍ତି । ଡାକ୍ତର, ଔଷଧ, ଖାଇବା, ରହିବା ସବୁ ମାଗଣା । ଚାଲ ମୁଁ ତୋତେ ସେଠି ଭର୍ତ୍ତି କରିଦେବି ।" ଖପୁରି ଭିତରକୁ ପଶିଯାଇଥିବା ଆଖି ଦି'ଟାକୁ କାନିରେ ପୋଛୁ ପୋଛୁ ବୁଢ଼ୀ କହିଲା , " ପୁଅ ଆସିଲେ ମୋତେ ଏଠି ଖୋଜିବ । ତୁମେ ଯାଅ ବାପା, ମୁଁ ଜଗିଛି ତାକୁ ।" ଏହି ମିଛ ଅପେକ୍ଷାର ଶେଷ କେଡ଼େ କରୁଣ ହୋଇପାରେ ଭାବିନେଲା ବେହେରା । ବୁଢ଼ୀକୁ ଚା' ପାଉଁରୁଟି କିଛି ଦେଇ ଯିବା ଉଚିତ ହେବ ଭାବି ପାଖ ଦୋକାନକୁ ଗଲା । ଆସି ଦେଖେ ତ ଆଖିରେ ଆଖିଏ ଲୁହ ଏବଂ ବ୍ୟସ୍ତତା ନେଇ ଠିଆ ହୋଇଛନ୍ତି ଜଣେ ଭଦ୍ରଲୋକ, ଯାହାଙ୍କ ମୁଣ୍ଡରେ ଏବଂ ହାତରେ ସଦ୍ୟ ବ୍ୟାଣ୍ଡେଜ ହୋଇଥିଲା । ପାଖରେ ଥିଲେ ବିଦେଶିନୀ ଜଣେ ଗୋଟିଏ କୁନି ପୁଅ ସହ । ଛୁଆଟି ବୁଢ଼ୀକୁ କହୁଥିଲା , "ତୁମେ ଡରିଲ କି ଜେଜେ ମାଆ ?" ଲୋକଜଣଙ୍କ ବିକଳ ହୋଇ କହୁଥିଲେ ," ସାରା ଦିନ ଏଇ ଖଣ୍ଡିଆ ଲୁହା ଚୌକିରେ ବସିରହିଲୁ ମୋ ମାଆ ମୋତେ ଅପେକ୍ଷା କରି । ତେଣେ ଦୁର୍ଘଟଣାରେ ଚେତା ହରେଇ ମୁଁ ଥିଲି ଏଇ ଡାକ୍ତରଖାନାରେ ।" ବୁଢ଼ୀ ଆଖିରୁ , ପୁଅ ଆଖିରୁ , ବୋହୂ ଆଖିରୁ ଖସି ଆସୁଥିବା ଲୁହ ଏବେ ବେହେରା ଆଖିରେ । ପାଉଁରୁଟି ଚା' ଧରିଥିବା ବେହେରାଜଣଙ୍କର ପେଟ ପୂରି ଯାଉଥିଲା ଆନନ୍ଦରେ ।

–ଖାନନଗର, କଟକ,
ମୋ–୯୪୩୭୦୧୦୭୫୮




ଜୟା–ଅମିତାଭ

# ମାତ୍ର ପାଞ୍ଚ ଜଣ ବରଯାତ୍ରୀ

ବଲିଉଡ୍‌ର ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରେ ଅମିତାଭ ବଚ୍ଚନଙ୍କ ସ୍ଥାନ କେଉଁଠି ତାହା କହିବା ବାହୁଲ୍ୟ। ଦିନ ଥିଲା, ସିନେମାଟିଏ ପାଇବାକୁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡୁଥିଲା। କିନ୍ତୁ ନିଜର ଅଭିନୟ ଦକ୍ଷତା ବଳରେ ସେ ହିନ୍ଦୀ ସିନେମା ଜଗତରେ ଯେଉଁ ସ୍ଥାନର ଅଧିକାରୀ ହୋଇପାରିଛନ୍ତି, ଯାହା ପୂରଣ ହେବା ସହଜ ନୁହେଁ। ନିକଟରେ ସେ ମହାମାରୀ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି। ଅମିତାଭଙ୍କ ବିବାହ ପଛରେ ଏକ ମଜାଦାର କାହାଣୀ ଲୁଚି ରହିଛି। ସେ ଜୟା ବଚ୍ଚନ (ସେ ସମୟରେ ଜୟା ଭାଦୁଡି ନାମରେ ପରିଚିତା ଥିଲେ)ଙ୍କୁ ପ୍ରେମ ବିବାହ କରିଥିଲେ। ସେତେବେଳେ ଜୟା ପୁଣେ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍‌ରେ ପଢୁଥିଲେ। ଥରେ ଅମିତାଭ ଅଭିନୟ କରୁଥିବା 'ସାତ ହିନ୍ଦୁସ୍ତାନୀ'ର ଶୁଟିଂ ଉକ୍ତ ଇନ୍‌ଷ୍ଟିଚ୍ୟୁଟ ପରିସରରେ ହେଉଥାଏ। ଏହି ସମୟରେ ତାଙ୍କର ଜୟାଙ୍କ ସହ ଭେଟ ହୋଇଥିଲା। ବାସ୍, ତା'ପରେ ଦୁହେଁ ପ୍ରେମରେ ପଡିଯାଇଥିଲେ। ଶେଷରେ ହିନ୍ଦୀ ସିନେମା ଜଗତର ଏଙ୍ଗ୍ରୀ ମ୍ୟାନ୍ ନିଜ ପ୍ରେମିକାକୁ ୧୯୭୩ରେ ବିବାହ କରିଥିଲେ। ହେଲେ ସେହି ବିବାହ ଉତ୍ସବରେ ବଚ୍ଚନଙ୍କ ମାତ୍ର ପାଞ୍ଚ ଜଣ ବରଯାତ୍ରୀ ଯାଇଥିଲେ, ଯେଉଁଥିରେ ବଲିଉଡ୍‌ର ମାତ୍ର ଜଣେ–ଗୁଲଜାର ସାମିଲ ଥିଲେ। ହେଲେ ବିବାହ ପରେ ଆୟୋଜିତ ଏକ ବିଶାଳ ଭୋଜିରେ ବଲିଉଡ୍‌ର ରଥୀ ମହାରଥୀମାନେ ଯୋଗଦେଇଥିଲେ।



ସାନ୍ୟା

# ଶାହରୁଖଙ୍କ ପ୍ରଶଂସାରେ ଦୀପିକା

ଦୀପିକା ପାଦୁକୋନ ଏବେ ଶାହରୁଖଙ୍କ ପ୍ରଶଂସାରେ ଶତମୁଖ। କାରଣ ସେ ହେଉଛନ୍ତି ତାଙ୍କର ପ୍ରଥମ ସିନେମାର ନାୟକ। ହେଲେ ସେହି ଖୁସି ସହ ଆଉ ଏକ କଥା ନିକଟରେ ଯୋଡି ହୋଇଛି। ଦୀପିକାଙ୍କ ପ୍ରଥମ ସିନେମା 'ଓମ୍ ଶାନ୍ତି ଓମ୍' ପରେ ସେ ଶାହରୁଖଙ୍କ ସହ 'ଚେନ୍ନାଇ ଏକ୍ସପ୍ରେସ'ରେ ଅଭିନୟ କରିଥିଲେ। ଆଉ ଏବେ ପୁଣି ଥରେ ଏହି ଯୋଡି ବଡପରଦାରେ ମୁହଁ ଦେଖାଇବାକୁ ଯାଉଛନ୍ତି। ଅର୍ଥାତ୍, ସିଦ୍ଧାର୍ଥ ଆନନ୍ଦଙ୍କ ଆଗାମୀ ଫିଲ୍ମ 'ପଠାନ୍'ର ନାୟକ ସାଜୁଛନ୍ତି ଶାହରୁଖ ଆଉ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଦୀପିକା। ଏ ନେଇ ଦୀପିକା କହନ୍ତି, 'ଯେତେବେଳେ ମୋତେ ଏହି ଅଫର ମିଳିଲା ସେତେବେଳେ ମୁଁ ତାହା ସତ ବୋଲି ବିଶ୍ୱାସ କରିପାରି ନ ଥିଲି। ମୁଁ ଏତେ ଖୁସି ହୋଇଯାଇଥିଲି ଯେ ମୋ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା। ଶାହରୁଖଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ତେବେ ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଅନ୍ୟପକ୍ଷରେ ରାଜକୁମାର ହୀରାନୀଙ୍କ ଏକ କମେଡି ଫିଲ୍ମରେ ମଧ୍ୟ ଶାହରୁଖ ଅଭିନୟ କରିବେ, ଯାହାର ଶୁଟିଂ ଏହି ବର୍ଷ ଶେଷ ଭାଗ କିମ୍ବା ଆସନ୍ତା ବର୍ଷ ପ୍ରାରମ୍ଭରେ ଆରମ୍ଭ ହେବ।


ଦୀପିକା

# ଶେଷରେ ମାନିଲେ କିଆରା

କଥାରେ ଅଛି–ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ନିଜର ଆଶା ପୂରଣ ହେବା ପରେ କିଆରା କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ପୁଣି ତାହାର ପ୍ରଯୋଜକ କିଏ ଜାଣନ୍ତି ? କରନ୍ ଜୋହର। ଫିଲ୍ମଟି ସାଇନ୍ କରିବା ପରେ କିଆରା ଆଡଓ୍ୱାନୀ କରନ୍‌ଙ୍କ ଅଫିସରୁ ବାହାରିବା ସମୟରେ ସାମ୍ବାଦିକ ହାବୁଡରେ ପଡିଯାଇଥିଲେ। କଥାଟିକୁ ଯେତେ ଲୁଚାଇବାକୁ ଚାହିଁଲେ କ'ଣ ହେବ ଶେଷରେ ନୂଆ ସିନେମା ବିଷୟରେ ସୂଚନା ଦେଇଥିଲେ ସେ। ହେଲେ ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ବରୁଣ ଧାଓ୍ୱନ। ଏ ବିଷୟରେ କିଆରା କହନ୍ତି, 'ବରୁଣଙ୍କ ସହ ମୁଁ ପ୍ରଥମ ଥର ପାଇଁ ଅଭିନୟ କରିବାକୁ ଯାଉଛି। କରନ୍‌ଙ୍କ ପରି ପ୍ରଯୋଜକ ଏବଂ ବରୁଣଙ୍କ ପରି ଆକ୍ଟରଙ୍କ ସହ କାମ କରିବାର ସୁଯୋଗ ମିଳିଛି ତାହା ମୋ ପାଇଁ ବଡ କଥା।' ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ 'ଗୁଡ ନ୍ୟୁଜ୍'ର ନିର୍ଦ୍ଦେଶକ ରାଜ୍ ମେହେଟ୍ଟା। ଅନ୍ୟପକ୍ଷରେ ଏବେ ଫିଲ୍ମର ପ୍ରାରମ୍ଭିକ କାମ ଚାଲିଛି, ତେଣୁ କାହାଣୀ ଏବଂ ସମ୍ପୂର୍ଣ୍ଣ କାଷ୍ଟିଂ ସମ୍ପର୍କରେ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ ବୋଲି କହିଛନ୍ତି ନିର୍ଦ୍ଦେଶକ। ତେବେ ପ୍ରଥମ ଥର ପାଇଁ ବରୁଣଙ୍କ ନାୟିକା ସାଜିଥିବା କିଆରାଙ୍କୁ ଏହି ଫିଲ୍ମରୁ କେତେ ମାଇଲେଜ ମିଳୁଛି ତାହା ଦେଖିବାକୁ ବାକି ରହିଲା।


କିଆରା

# ଅଡିଶନ୍ କଥା ଭୁଲିପାରିବି ନାହିଁ

ଥରେ ମନେପକାନ୍ତୁ ନା ସୁପରହିଟ୍ ଫିଲ୍ମ 'ଦଙ୍ଗଲ'ର ବବିତା ଫୋଗଟ ଚରିତ୍ରକୁ। ଏହି ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ନବାଗତା ସାନ୍ୟା ମାଲହୋତ୍ରା। ହେଲେ ଏପରି ଭୂମିକାଟିଏ ପାଇବା ପାଇଁ ତାଙ୍କୁ ବେଶ୍ କସରତ କରିବାକୁ ପଡିଥିଲା। କେବଳ ଏହି ରୋଲ୍ ପାଇଁ କେତେ ଜଣ ଅଡିସନ ଦେଇଥିଲେ ଜାଣନ୍ତି ? ୧୦,୦୦୦ ଜଣ ଅଭିନେତ୍ରୀ। ସେମାନଙ୍କ ମଧ୍ୟରୁ ଶେଷରେ ବାଜି ମାରି ନେଇଥିଲେ ସାନ୍ୟା। ପାଖାପାଖି ମାସେ ଧରି ଏହି ଅଡିଶନ ଚାଲିଥିଲା। ଏ ବିଷୟରେ ସାନ୍ୟା କହନ୍ତି, 'ଏହି ଅଡିଶନକୁ ମୁଁ ସାରା ଜୀବନ ଭୁଲି ପାରିବି ନାହିଁ। କାରଣ ମାସେ ପର୍ଯ୍ୟନ୍ତ ମୁଁ ଟେନସନରେ ଥିଲି। ଏହି ରୋଲ ପାଇଁ ମୁଁ ସିଲେକ୍ଟ ହେବି ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା। ହେଲେ ମୋ ସହ ୧୦,୦୦୦ ଅଭିନେତ୍ରୀ ମଧ୍ୟ ଏଥିପାଇଁ ଆଶାୟୀ ଥିଲେ। ଯାହାହେଉ ଶେଷରେ ମୋର ଆଶା ପୂରଣ ହୋଇଥିଲା। ଏହାବ୍ୟତୀତ ଜଣେ ଅନ୍ତର୍ଜାତୀୟ ରେସଲର ଭୂମିକା ତୁଲାଇବା ଏତେ ସହଜ ନ ଥିଲା।' ଏହି ଭୂମିକାଟିକୁ ସଫଳ ପରିବା ପାଇଁ କ୍ରିପା ଶଙ୍କରଙ୍କ ନିକଟରୁ ଟ୍ରେନିଂ ନେଇଥିଲେ ସାନ୍ୟା। ତା'ସହ ଭୂମିକାଟି ସାନ୍ୟାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ଏଥିରେ ଆମୀର ଖାଁଙ୍କ ବାପା ଭୂମିକା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା।



## ସିମ୍ରାନ୍ ଶର୍ମିଷ୍ଠା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

### ଶୂନ

ପୁଅ ବିଷୟରେ ବାପା ଶିକ୍ଷକଙ୍କୁ ପଚାରୁଛନ୍ତି- ମୋ ପୁଅ ପାଠପଢାରେ କେମିତି ?
ଶିକ୍ଷକ- କ'ଣ ଆଉ କହିବି । ମତେ ତ ଲାଗେ ଆର୍ଯ୍ୟଭଟ ଶୂନର ଉଦ୍ଭାବନ ଆପଣଙ୍କ ପୁଅ ପାଇଁ ହିଁ କରିଛନ୍ତି ।

### ଲୁଚେଇ ଦିଅ

ଚଗଲା ମା'କୁ- ମା' ଆଜି ମୋ ସାଙ୍ଗ ରାଜୁ ଆସିବ ଘରକୁ । ସବୁ ଖେଳଣା ଲୁଚେଇ ଦିଅ ।
ମା'- କାହିଁକି ? ସିଏ କ'ଣ ଚୋରି କରେ କି ?
ଚଗଲା- ନାଇଁ ମା', ସିଏ ତା' ଖେଳଣା କୋଉଟା ଚିହ୍ନିପିବ ।

### ମାଙ୍କଡ଼


ଶିକ୍ଷକ ପପୁକୁ- ମାଙ୍କଡକୁ ହିନ୍ଦୀରେ କ'ଣ କହନ୍ତି ?
ପପୁ(କିଛି ସମୟ ଏପଟ ସେପଟ ଚାହିଁବା ପରେ)- ସାର୍, ବନ୍ଦର୍ ।
ଶିକ୍ଷକ- ବହି ଦେଖିକି କହିଲୁନା ?
ପପୁ- ନାଇଁ ସାର୍ ମୁଁ ଆପଣଙ୍କ ମୁହଁ ଦେଖି କହିଲି ।



# ଜେଲ୍ ନା ହୋଟେଲ

ଜେଲ୍ ବା ବନ୍ଦୀଶାଳା କଥା କହିଲେ ଛାତିରେ ଛନକା ପଶିଯାଏ। କେଉଁ ଏକ ଅଜଣା ଭୟରେ ମନ ଆତଙ୍କିତ ହୋଇଉଠେ। ଜେଲରେ କଠୋର ଦଣ୍ଡ ମିଳେ। ଅନ୍ଧାର ଭିତରେ ରହିବାକୁ ହୁଏ। ଖାଇବା ପାଇଁ ଭଲଖାଦ୍ୟ ମିଳେନି। କାହା ସହିତ ମିଳାମିଶା କି କଥାବାର୍ତ୍ତା କରିବାକୁ ଦିଆଯାଏନି। ସବୁବେଳେ ଗୋଟିଏ ଘର ଭିତରେ ବନ୍ଦୀ ହୋଇ ରହିବାକୁ ହୁଏ। ଏମିତି କେତେ କ'ଣ କଥା ରହିଛି ଜେଲକୁ ନେଇ। ଏସବୁ ବି ମିଛ କିମ୍ବା କପୋଳକଳ୍ପିତ କଥା ନୁହେଁ। ଏହାର ମଧ୍ୟ ସତ୍ୟତା ରହିଛି। ତେବେ ଆମେ ବଞ୍ଚୁଥିବା ଏ ପୃଥିବୀରେ ଏମିତି କିଛି ଆଭିଜାତ୍ୟପୂର୍ଣ୍ଣ ଜେଲ ଅଛି, ଯାହାକୁ ଦେଖିଲେ ଆଉ ଯେଉଁସବୁ କଥା ଶୁଣିଲେ ଏମିତି ମନେହେବ ଯେମିତି ଏସବୁ ଜେଲ ନା ଫାଇଭ୍‌ଷ୍ଟାର ହୋଟେଲ୍। ସେହି ଜେଲ ସବୁ କଏଦୀମାନଙ୍କ ନିମନ୍ତେ ପ୍ରସ୍ତୁତ ହୋଇଛି ନା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ଲାଗି ତିଆରି ହୋଇଛି।

**ନର୍‌ୱେର ବେଷ୍ଟୋୟ ଜେଲ:** ନର୍‌ୱେର ବେଷ୍ଟୋୟ ଦୀପରେ ଅଛି ଗୋଟିଏ ଜେଲ, ଯାହାକୁ ବେଷ୍ଟୋୟ ଜେଲ ବୋଲି କୁହାଯାଇଥାଏ। ଏହି ଜେଲରେ ପ୍ରାୟ ୧୦୦ଜଣ କଏଦୀଙ୍କୁ ରଖାଯାଇଥାଏ। ତେବେ ଏଠାରେ ରହୁଥିବା କଏଦୀମାନେ ନିଜକୁ କଏଦୀ କିମ୍ବା ଅପରାଧୀ ବୋଲି ଭାବି ନ ଥାନ୍ତି। ସେମାନଙ୍କୁ ସବୁପ୍ରକାର ସାଧାରଣ ସୁବିଧା ମିଳିଥାଏ। ହର୍ଷ ରାଇଡିଂ, ଫିଶିଂ, ଟେନିସ୍, ସନ୍‌ବାଥ୍ ଆଦିର ସୁବିଧା କଏଦୀମାନଙ୍କୁ ଯୋଗେଇ ଦିଆଯାଇଥାଏ। ସେତିକିନୁହେଁ, କଏଦୀମାନଙ୍କୁ ଚାଷ କରିବାର ସବୁ ପ୍ରକାର ଅତ୍ୟାଧୁନିକ କଳକୌଶଳ ଓ ଯନ୍ତ୍ରପାତି ଯୋଗେଇ ଦିଆଯାଇଥାଏ। ଆଉ ବଡ଼କଥା ହେଲା ଏଠାରେ କୌଣସି ସେଲ୍ ବ୍ୟବସ୍ଥା ନାହିଁ। ତା' ପରିବର୍ତ୍ତେ କଏଦୀଙ୍କ ନିମନ୍ତେ ସ୍ୱତନ୍ତ୍ର କଟେଜ୍ ବ୍ୟବସ୍ଥା କରାଯାଇଛି।






**ଏଚ୍‌ଏମ୍‌ପି ଆଡିୱେଲ୍, ସ୍କଟଲାଣ୍ଡ :** ଏ ଜେଲର ଅନ୍ତେବାସୀଙ୍କ ସଂଖ୍ୟା ପ୍ରାୟ ୭୦୦। ଏହି ଜେଲରେ ରହୁଥିବା କଏଦୀମାନଙ୍କୁ ଅପରାଧୀ ଭଳି ବିବେଚନା କରାଯାଏନି। ତା' ପରିବର୍ତ୍ତେ ସେମାନଙ୍କୁ ସାଧାରଣ ମଣିଷଙ୍କ ଭଳି ଦେଖାଯାଏ, ଯେଉଁମାନେ ଭୁଲ୍ ବଶତଃ କିଛି ଅପରାଧ ଘଟେଇଛନ୍ତି। ସେଥିଲାଗି ସେମାନଙ୍କୁ କିଭଳି ଭଲ ମଣିଷ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଏ। ସେଥିଲାଗି ସେମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗେଇଦିଆଯାଏ ଯେମିତି କି ଜଣେ ଭାବିବନାହିଁ ଯେ, ସେ ଏକ କଏଦୀଖାନାରେ ଅଛି। ଭଲସ୍ଥାନ ମନରେ ସକାରାତ୍ମକ ପ୍ରଭାବ ପକାଏ। ଏହା ହେଉଛି ଏହି ଏଚଏମପି ଆଡିୱେଲ୍ କଏଦୀଖାନାର ନୀତି।



**ଓଟାଗୋ କରେକ୍‌ସନ୍ ଫାସିଲିଟି, ନ୍ୟୁଜିଲାଣ୍ଡ :** ୨୦୦୫ରେ ନ୍ୟୁଜିଲାଣ୍ଡରେ ଏହି ଜେଲ ତିଆରି କରାଯାଇଥିଲା। ତେବେ ଏହାକୁ ଜେଲ ବୋଲି ନାମକରଣ କରା ନ ଯାଇ ଏହାର ନାମ ରଖାଯାଇଥିଲା 'ଓଟାଗୋ କରେକ୍‌ସନ୍ ଫାସିଲିଟି'। ଏଠାରେ ସୁରକ୍ଷାବ୍ୟବସ୍ଥା ଖୁବ୍ କଡ଼ାକଡ଼ି। ହେଲେ ଭିତରେ କଏଦୀମାନଙ୍କ ଜୀବନ ବେଶ୍ ଆରାମଦାୟକ। କଏଦୀମାନେ ସେଠାରେ ଫାର୍ମିଂ, କୁକିଂ ସହିତ ଇଞ୍ଜିନିଅରିଂ କରନ୍ତି ଆଉ ଆରାମ୍‌ରେ କାଳାତିପାତ କରନ୍ତି।

**ଅରନ୍‌ଜୁଏଜ୍ ଜେଲ, ସ୍ପେନ୍ :** ଏହାକୁ ବିଶ୍ୱର ସବୁଠାରୁ ନିଆରା ଜେଲ ବୋଲି କୁହାଯାଏ। ଏମିତି କେଉଁ ଜେଲ ଅଛି ଯେଉଁଠି କଏଦୀମାନେ ନିଜର ପରିବାର ସହିତ ରହିପାରନ୍ତି। ଏହି ସୁବିଧା ଅରନ୍‌ଜୁଏଜ୍ ଜେଲରେ ଉପଲବ୍ଧ। ସେଠାରେ କଏଦୀମାନଙ୍କର ପିଲାଙ୍କ ନିମନ୍ତେ ଖେଳପଡ଼ିଆ, କାର୍ଟୁନ୍ ଆଦିର ବ୍ୟବସ୍ଥା କରାଯାଇଛି। ଏଥିସହିତ ସ୍ୱତନ୍ତ୍ର ସ୍କୁଲ ଅଛି ଯେଉଁଠି କଏଦୀମାନଙ୍କର ପିଲାମାନେ ପାଠପଢ଼ି ଥାଆନ୍ତି। ଏଭଳି କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କଏଦୀମାନଙ୍କୁ ସେମାନଙ୍କର ପରିବାରଠାରୁ ଦୂରେଇ ନ ନେବା।

**ଜଷ୍ଟିସ୍ ସେଣ୍ଟର ଲିଓବେନ୍, ଅଷ୍ଟ୍ରିଆ:** ଅଷ୍ଟ୍ରିଆର ଏହି ଜେଲଟିକୁ ଦେଖିଲେ ଏହା କୌଣସି ପଞ୍ଚତାରକା ହୋଟେଲ୍‌ଠାରୁ କମ୍ ହେବନାହିଁ। ସମ୍ପୂର୍ଣ୍ଣ ଭାବରେ କାଚରେ ଢଙ୍କା ହୋଇଛି ଏହି ଜେଲ। ଏହା ଭିତରେ ସ୍ପୋର୍ଟସ ସେଣ୍ଟର ଅଛି। ଫୁଡ୍ କୋର୍ଟ ଅଛି। କଏଦୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ଭବ୍ୟ ବିଳାସପୂର୍ଣ୍ଣ ପ୍ରକୋଷ୍ଠ ତିଆରି କରାଯାଇଛି। ସେମାନଙ୍କ ପାଇଁ ଟିଭି, ଫ୍ରିଜ୍‌ଠୁ ଆରମ୍ଭ କରି ସବୁପ୍ରକାର ବୈଭବପୂର୍ଣ୍ଣ ସାମଗ୍ରୀ ଯୋଗେଇ ଦିଆଯାଇଛି।

**ଚ୍ୟାମ୍ପ-ଡୋଲୋନ୍ ପ୍ରିଜନ, ସୁଇଜରଲାଣ୍ଡ:** ବିଶ୍ୱର ଅନ୍ୟତମ ବିଳାସପୂର୍ଣ୍ଣ ଜେଲ ହେଉଛି ସୁଇଜରଲାଣ୍ଡର ଚ୍ୟାମ୍ପ-ଡୋଲୋନ୍ ପ୍ରିଜନ୍। ଏଠାରେ ରହୁଥିବା କଏଦୀମାନେ ଭାବିପାରନ୍ତି ନାହିଁ ଯେ, ସେମାନଙ୍କୁ ଏଠାରେ ଆଣି ବନ୍ଦୀକରି ରଖାଯାଇଛି। କାରଣ ଜୀବନର ସବୁପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ସେମାନଙ୍କୁ ଏଠାରେ ଯୋଗେଇ ଦିଆଯାଇଥାଏ।











ବ୍ୟାକ୍ ପେଜ୍

# ୩ ଫୁଟ୍ ୮ ଇଞ୍ଚର ଠେକୁଆ



ଡାରିଅସ୍ ଏକ ଠେକୁଆ। ହେଲେ ସାଧାରଣ ଠେକୁଆଠୁ ଏହା ଭିନ୍ନ। କାରଣ ଏହା ବେଶ୍ ବିରାଟକାୟ। ଆଉ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ଏହା ସବୁଠାରୁ ବଡ ଠେକୁଆ ଭାବେ ସ୍ଥାନ ପାଇଛି। ଏହାର ଉଚ୍ଚତା ୪ ଫୁଟ୍ ୮ ଇଞ୍ଚ ହୋଇଥିବା ବେଳେ ଓଜନ ୨୨ କି.ଗ୍ରା.ରୁ ଊର୍ଦ୍ଧ୍ୱ। ଏହାର ମାଲିକ ଆନେଟ୍ ଏଡୱାର୍ଡ କହନ୍ତି, ‘ଡାରିୟସ୍ ବହୁତ ଖାଏ। ବର୍ଷକୁ ୨୦୦୦ଟି ଗାଜର, ୭୦୦ ସେଓ ଖାଇଦିଏ। ତା’ସହ ସ୍ୱତନ୍ତ୍ର ଠେକୁଆ ଖାଦ୍ୟ ବି ତାକୁ ଦିଆଯାଏ। ଆଉ ଏଥିରେ ବାର୍ଷିକ ୪, ୮୯, ୬୯୯ ଟଙ୍କା ଖର୍ଚ୍ଚ ହୋଇଯାଏ। ଏତେ ବିରାଟକାୟ ହେଲେ ବି ଡାରିଅସ୍ ଏକ ଭଲ ପେଟ୍। ଏହାର ଦୁଇଟି ଛୁଆ ଅଛନ୍ତି। ସେମାନେ ବି ବାପା ଭଳି ଆକାରରେ ବଡ ହୋଇଛନ୍ତି। ଆଉ ଡାରିୟସଠାରୁ ବି ବଡ ହେବେ ବୋଲି ଆଶା କରାଯାଉଛି।’



## କାର୍ଟୁନ କର୍ନର

